This is a trial edition prior to its formal edition.
We will be very grateful if you would give us your evaluation on its translation level.
Please, send us your opinion to baptism@bjnewlife.org

Front page cover

# ଆପଣ ପ୍ରକୃତରେ ଜଳ ଓ ଆତ୍ମାରେ ନୂତନ ଜନ୍ମ ପ୍ରାପ୍ତ ଅଟନ୍ତି କି?

## ପାଉଲ ସି ଯୋଙ୍ଗ୍

Front inside

**ବାଇବଲ ଶିକ୍ଷା ଭିତ୍ତିକ 'ଜଳ ଓ ଆତ୍ମାଙ୍କ ସୁସମାଚାର'ର ପ୍ରଚାର ନିମନ୍ତେ ଏହି ପୁସ୍ତକ ଆମ ସମୟର ପ୍ରଥମ ପୁସ୍ତକ ଅଟେ ।**

ଆପଣମାନଙ୍କ ମଧ୍ୟରୁ ଅନେକେ ଜଳ ଓ ଆତ୍ମାଙ୍କ ସୁସମାଚାରରେ ନୂତନ ଜନ୍ମ ପ୍ରାପ୍ତ ହେବା ସୁସମାଚାର ବିଷୟରେ ଅଧିକ ଜାଣି ନ ଥିବେ । ସେଥି ନିମନ୍ତେ ମୁଁ ପ୍ରତ୍ୟେକ ପ୍ରସଙ୍ଗରେ ଯୀଶୁଙ୍କର ବାପ୍ତିସ୍ମ ଓ ତାହାଙ୍କ କ୍ରୁଶ ବିଷୟରେ ବିଶେଷ ଧ୍ୟାନ ଦେଇଛି ଓ ଏହି ବିଷୟରେ ବ୍ୟାଖ୍ୟା କରିଛି ।

ଯଦି ଯୀଶୁଙ୍କର ବାପ୍ତିସ୍ମ ନ ଥାଆନ୍ତା, ତାହାହେଲେ ତାହାଙ୍କର କ୍ରୁଶ ଆମ ନିମନ୍ତେ ଅର୍ଥ ହୀନ ହୁଅନ୍ତା । ଏହି ସମସ୍ତ କାରଣରୁ ମୁଁ ତାହାଙ୍କ ବାପ୍ତିସ୍ମ ବିଷୟରେ ବାରମ୍ବାର କହିଛି ।

ମୋହର ଉଦ୍ଦେଶ୍ୟ ଏହି କି ଯଥା ସମ୍ଭବ ସମସ୍ତ ବିଷୟକୁ ମୁଁ ଆପଣଙ୍କ ନିମନ୍ତେ ସ୍ପଷ୍ଟ କରିବାକୁ ଚାହେଁ । ଯାହାଦ୍ୱାରା ଆପଣ ଜଳ (ଯୀଶୁଙ୍କର ବାପ୍ତିସ୍ମ) ଓ ଆତ୍ମାର ସୁସମାଚାର ଦ୍ୱାରା ଆଶିର୍ବାଦ ପ୍ରାପ୍ତ କରିବେ । ସେଥିନିମନ୍ତେ ବାରମ୍ବାର ମୁଁ ଏହି ବିଷୟରେ କହିବାକୁ ଚାହେଁ ।

ମୋହର ଗୋଟିଏ ଇଚ୍ଛା କି ଆପଣ ପାପରୁ ଉଦ୍ଧାର ପାଇବା ନିମନ୍ତେ ଯୀଶୁଙ୍କର ବାପ୍ତିସ୍ମ ଓ କ୍ରୁଶର ସୁସମାଚାରରେ ବିଶ୍ୱାସ କର । ମୁଁ ନିଶ୍ଚିତଭାବେ ଆପଣଙ୍କୁ ଆସ୍ୱାସନା ଦେଇ କହିବି କି ଏହି ପ୍ରସଙ୍ଗଗୁଡ଼ିକ ଆପଣଙ୍କୁ ନୂତନ ଜନ୍ମ ପ୍ରାପ୍ତ ହେବା ନିମନ୍ତେ ବିଶେଷ ସହାୟକ ହେବ ।

Back-Cover inside page

# ରେଭ୍ ପାଉଲ ସି ଯୋଙ୍ଗ

ପୁସ୍ତକର ଲେଖକ ଜଳ ଓ ଆତ୍ମର ସୁସମାଚାର ବିଷୟରେ ପ୍ରାୟ ଦୁଇ ଦଶନ୍ଧି ପ୍ରଚାର କରିଛନ୍ତି । ସେ ନ୍ୟୁ ଲାଇଫ ମିସନର ସ୍ଥାପନା କଲେ ଓ ନ୍ୟୁ ଲାଇଫ ମିସନ ସ୍କୁଲରେ ଯୀଶୁଙ୍କ ଶିଷ୍ୟମାନଙ୍କୁ ଶିକ୍ଷା ଦିଅନ୍ତି ।

ସେ ରସିଆ, ଜାପାନ ପ ଚିନ ଦେଶରେ ମିସନ ସମ୍ବନ୍ଧିତ ମଣ୍ଡଳୀର ସ୍ଥାପନା କଲେ । ସେ ଅନେକ ପୁସ୍ତକ ବିଭିନ୍ନ ଭାଷାରେ ପ୍ରକାଶ କରିଛନ୍ତି, ସେହି ପୁସ୍ତକ ଦେଇ ଅନେକ ଲୋକ ଜଳ ଓ ଆତ୍ମାରେ ପ୍ରକୃତ ଭାବେ ନୂତନ ଜନ୍ମ ପାଇ ଛନ୍ତି ।

ସେ ସମ୍ଗ୍ର ଜଗତରେ ଅସଂଖ୍ୟ ଯୀହୁଙ୍କ ଦାସ ମାନଙ୍କୁ ଶିକ୍ଷା ଦେଇଛନ୍ତି ।

Back-cover page

# ଏହି ପୁସ୍ତକର ପ୍ରସଙ୍ଗ ମୋହର ସକଳ ପାପକୁ ଧୋଇଦେଲା ।

ପ୍ରଫେସର ଭବେ କାମ କରୁଥିବା ସମୟରେ ସରଳାନ୍ତର କରିବା ନିମନେ ମୋତେ ପଚାରିଥିଲେ । ସେହି ସମୟରେ ମୋତେ ଏହି ପ୍ରସଙ୍ଗ ବିଷୟରେ କିଛି ଧାରଣା ନ ଥିଲା, କି ପରମେଶ୍ୱର ମୋ ଜୀବନରେ ଏତେ ମହାନ ଭଅବେ କମ କରିବେ ଓ ମୋ ବିଶ୍ୱାସରେ ସେ ମହାନତା ଦେଖାଇବେ ।

ଏହି ପୁସ୍ତକ ପଢୁଥିବା ସମୟରେ "ପରିତ୍ରାଣର ଗୁପ୍ତ ରହସ୍ୟ"କୁ ମୁଁ ଜାଣି ପାରିଲି । ମୁଁ ଜାଣେ କି ଏହି ଲେଖା ପଢିବା ଆଗରୁ ମୁଁ ଏକ ପାପି ଥିଲି, ନର୍କ ମୋ ପାଇଁ ସୁନିଶ୍ଚିତ ଥିଲା, କିନ୍ତୁ ପଷି ସମାପ୍ତ କରିବା ସମୟରେ ଜାଣି ପାରିଲି କି ମୋତେ ପରିତ୍ରାଣ ମିଳିଛି ଓ ମୋ ଠାରେ ଆଉ ପପ ନ ଥିଲା । ମୁଁ ବାସ୍ତବରେ ନୂତନ ଜନ୍ମ ପ୍ରାପ୍ତ ହେଲି , ଏହି ନୂତନ ଜନ୍ମ ଜଳ ଓ ଆତ୍ମାଙ୍କ ସୁସମାଚାରରେ ହୋଇଥିଲା, ଯୀଶୁଙ୍କ ବାପ୍ତିସ୍ମ ଓ କ୍ରୁଶରେ ତାହାଙ୍କର ମୃତ୍ୟୁ । ଏହା ସ୍ପଷ୍ଟ ଭାବେ ବାଇବଲରେ ଲେଖାଯାଇଛି ।

ଏହା ସରଳ ଓ ଅନେକ ଲୋକ ନିଜକୁ ପୁନର୍ଜନ୍ମ ପ୍ରାପ୍ତ କହି ବସ୍ତବରେ ଅନେକ ବିଷୟକୁ ହରାଇ ଅଛନ୍ତି! ତୁମ୍ଭେ ଯଦି ବିଶ୍ୱାସ କରିବ ତାହାହେଲେ ଉମ୍ଭ ନିଷ୍ଚିତ ଭାବେ ପରିତ୍ରାଣ ପ୍ରାପ୍ତ ହେବ ।

**ଇଲାଇନ ଡ୍ରାଫ୍ଟେ**

## ପରିତ୍ରାଣ ପ୍ରାପ୍ତ ହେବା ପାଇଁ, ଆମକୁ ନିଜର ପାପ ବିଷୟରେ ଜାଣିବା ଆବଶ୍ୟକ ଅଟେ
## (ମାର୍କ ୭:୮-୯, ୨୦-୨୩)

ମାର୍କ ୭:୮-୯ 'ତୁମ୍ଭେମାନେ ଇଶ୍ୱରଙ୍କ ଆଜ୍ଞା ପରିତ୍ୟାଗ କରି ମନୁଷ୍ୟମାନଙ୍କ ରମ୍ପରାଗତ ରୀତିନୀତି ଧରି ବସିଅଛ । ପୁଣି ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଆପଣା ଆପଣା ପରମ୍ପରାଗତ  ରୀତିନୀତି ପାଳନ କରିବା ନିମନ୍ତେ ଇଶ୍ୱରଙ୍କ ଆଜ୍ଞା ବେଶ୍ ଅଗ୍ରାହ୍ୟ କରି ଅଛ ।

ମାର୍କ ୭:୨୦-୨୩୍ଂ ଆଉ  ସେ କହିଲେ, ଯାହା ମନୁଷ୍ୟ ଠାରୁ ବାହାରେ , ତାହାହିଁ ତାହାକୁ ଅସୁଚି କରେ । କାରଣ ଭିତରୁ, ମନୁଷ୍ୟର ହୃଦୟରୁ, କୁଚିନ୍ତା ବାହାରେ-ବେଶ୍ୟାଗମନ, ଚୋଉର୍ଯ୍ୟ, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଷଠତା, କାମୁକତା, ଇର୍ଷାଦୃଷ୍ଟି, ନିନ୍ଦା, ଅହଙ୍କାର, ମୁର୍ଖତା, ଏହି ସମ୍ସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅସୁଚି କରେ ।

ସର୍ବପ୍ରଥମେ ପାପ କଣ ଏହି ବିଷୟରେ ବ୍ୟାଖ୍ୟା କରିବାକୁ ଇଛଆ କରେ । ଏହି ପ୍ରକାର ପାପ ଅଛି ଯାହାକି ଇଶ୍ୱର ବ୍ୟାଖ୍ୟା କରିଛନ୍ତି ଓ କେତେକ ପାପ ଯାହାକି ମନୁଷ୍ୟ ବ୍ୟାଖ୍ୟା କରିଛି । ଗ୍ରୀକ୍ ଭାଷାର 'ହାମାରସିଆ' ଶବ୍ଦଟି ଓଡିଆରେ ପାପ ପାଇଁ ଉପଯୁକ୍ତ ଅଟେ । ଗ୍ରୀକ୍ ଭାଷାରେ ଏହାର ଅର୍ଥ ହେଲା ଲକ୍ଷ୍ୟ ଭ୍ରଷ୍ଟ ହେବା  । ଅନ୍ୟପକ୍ଷରେ କହିଲେ କିଛି ଗୋଟିଏ ଖରାପ କାମ କରିବା ପା ଅଟେ । ଇଶ୍ୱରଙ୍କ ଆଜ୍ଞାର ଅବମାନନା କରିବା ହିଁ ପାପ ଅଟେ । ଆସ ସର୍ବପ୍ରଥମେ ପାପ ବିଷୟରେ ମନୁଷ୍ୟ ମାନଙ୍କର ମତ କ୍ଣ ଏହା ଦେଖିବା?




ଆମ୍ଭମାନଙ୍କର ବିବେକ ଦ୍ୱାରା ଆମେ ପାପକୁ ଚିହ୍ନି ଥାଉ  । ତଥାପି ମନୁଷ୍ୟର ସାମାଜିକ ପରିସ୍ଥିତି, ମାନସିକ ଅବସ୍ଥା, ସାଧାରଣ ପରିସ୍ଥିତି ଓ ବିବେକ ଅନୁସାରେ ସେମାନଙ୍କ ପାପ ବିଷୟକ ବ୍ୟାଖ୍ୟା ଭିନ୍ନ ଭିନ୍ନ ଅଟେ ।

ଏହି କାରଣରୁ ପାପ ର ବ୍ୟାଖ୍ୟା ବ୍ୟକ୍ତି ବ୍ୟକ୍ତିଙ୍କଠାରେ ଭିନ୍ନ ଭିନ୍ନ ହୋଇଥାଏ । ମନୁଷ୍ୟମାନଙ୍କ୍ର ଯୋଗ୍ୟତାନୁସାରେ ମଧ୍ୟ ପାପର ବ୍ୟାଖ୍ୟାରେ ପ୍ରଭାବ ପଡେ । ଏହି ସବୁ କାରଣରୁ ଇଶ୍ୱର ଆମକୁ ବ୍ୟବସ୍ଥାରେ ୬୧୩ ଟି ଧାରା ଦେଇଛନ୍ତି । ଏହି ମାନଦଣ୍ଡରେ ସମସ୍ତଙ୍କ ପାପକୁ ମପାଯାଇପାରିବ ।

ନିମ୍ନରେ ଅଙ୍କିତ ଚିତ୍ରଟି ମନୁଷ୍ୟର ପାପକୁ ସ୍ପଷ୍ଟ ଭାବେ ଜାଣିବାରେ ସାହାଯ୍ୟ କରିବ ।

ଈଶ୍ୱରଙ୍କ  ବ୍ୟବସ୍ଥା
ମନୁଷ୍ୟର ବିବେକ, ନୈତିକତା ଓ ସାମାଜିକ ପରିସ୍ଥିତି
ରାଷ୍ଟ୍ରିୟ କାନୁନ୍ ଓ ସାମାଜିକ ବ୍ୟବସ୍ଥା

ଗୋଟିଏ ବ୍ୟକ୍ତିର ବିବେକ, ଚିନ୍ତାଧାରା ଓ ସାମାଜିକ ରୀତିନୀତି କଦାପି କେବେହେଲେ ପାପର ପକୃତ ବ୍ୟାଖ୍ୟା ଦେଇ ନ ଥାଏ ।
ଆମ ବିବେକ ଅନୁସାରେ ଆମେ ଯାହା ପାପ କହିଥାଉ, ତାହା ଈଶ୍ୱରଙ୍କ ଦୃଷ୍ଟିରେ ଠିକ୍ ସେହିପ୍ରକାର ନୁହେଁ । ସେଥିପାଇଁ ଆମର ବିବେକ ଅନୁସାରେ ନୁହ କିନ୍ତୁ ଈଶ୍ୱରଙ୍କ ବ୍ୟବସ୍ଥା ପାପର ବ୍ୟାଖ୍ୟା କି ପ୍ରକାର କରେ, ତାହା ଶୁଣିବା ଆବଶ୍ୟକ ଅଟେ ।

ପାପ କ୍ଣ ଏହି ବିଷୟରେ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳେ । କେତେକ ଏହି ପ୍ରକାର କହନ୍ତି, ପାପ ତାଙ୍କ ଜୀବନର ଏକ ଦୁର୍ବଳତା ଅଟେ ଓ ଅନ୍ୟ କେତେକ ଏହି ପ୍ରକାର ମଧ୍ୟ କହନ୍ତି କି ପାପ ସେମାନଙ୍କ ଜୀବନର ଏକ ଅସଭ୍ୟ ଆଚରଣ ଅଟେ ।

ଉଦାହଣସ୍ୱରୁପ କୋରିଆରେ ଲୋକେ ଆପଣା ମୃତ ପିତାମାତାଙ୍କ ସମାଧିରେ ଘାସ ଲଗାନ୍ତି ଓ ସେମାନଙ୍କ୍ର ମୃତ୍ୟୁ ଯାଏ ଏହାର ଯତ୍ନ କରନ୍ତି । କିନ୍ତୁ ପପୁଆ ନିଉ ଗାନିଆ ଦ୍ୱୀପରେ (ଏକ ଆଦିମ ଆଦିବାସି ଗୋଷ୍ଠି) ସେମାନଙ୍କ ମୃତ ପିତାମାତାଙ୍କ ଶରୀରକୁ ଭୋଜନ କରନ୍ତି (ସେମାନେ ଏହାକୁ ରାନ୍ଧନ୍ତି ନା ନାହିଁ ଏ ବିଷୟରେ ମୁଁ ଅଜ୍ଞାତ ଅଟେ) । । ମୁ ଏହା ବିଶ୍ୱାସ କରେ କି ସେହି ଶରୀରକୁ କୀଟ ପତଙ୍ଗ ଖାଇ ନ୍ଷ୍ଟ ନ କରନ୍ତୁ ସେଥିପାଇଁ ସେମାନେ ଏହାକୁ ଭୋଜନ କରନ୍ତି । ଏହି ପ୍ରଥା ଗୋଟିଏ ବିଷୟକୁ ଦର୍ଶାଏ କି ମନୁଷ୍ୟର ପାପ ବ୍ୟକ୍ତି ବ୍ୟକ୍ତିଙ୍କ ଠାରେ ଭିନ୍ନ ଭିନ୍ନ ଅଟେ ।
ଗୋଟିଏ ସମାଜର ପୂଣ୍ୟ କାମ ଅନ୍ୟ ଏକ ସମାଜ ପାଇଏକ ମହାନ ଅସଭ୍ୟ ଆଚରଣ ହୋଇପାରେ । ସେହିକାରଣରୁ ବାଇବଲ ଆମକୁ ଏହା କହି ଥାଏ କି ‘  ଆଉ  ସେ କହିଲେ, ଯାହା ମନୁଷ୍ୟ ଠାରୁ ବାହାରେ , ତାହାହିଁ ତାହାକୁ ଅସୁଚି କରେ  । କାରଣ ଭିତରୁ, ମନୁଷ୍ୟର ହୃଦୟରୁ, କୁଚିନ୍ତା ବାହାରେ- ବେଶ୍ୟାଗମନ, ଚୋଉର୍ଯ୍ୟ, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଷଠତା, କାମୁକତା, ଇର୍ଷାଦୃଷ୍ଟି, ନିନ୍ଦା, ଅହଙ୍କାର, ମୁର୍ଖତା, ଏହି ସମ୍ସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅସୁଚି କରେ’ଙ୍ଗମାର୍କ ୭:୮-୯ଙ୍ଗ ।

ମନୁଷ୍ୟର ବାହ୍ୟ ରୂପରେ ଈଶ୍ୱରଙ୍କର କିଛି ରୁଚି ନାହିଁ , କାରଣ ସେ ମନୁଷ୍ୟର ହୃଦୟ ଓ ଏଥିରେ ଥିବା ସବୁ ବିଷୟକୁ ଦେଖିଥାନ୍ତି ।

ଜଣେ ବ୍ୟକ୍ତିଙ୍କର ସ୍ୱୟଂ ବିଚାରନୀତି ହି ଈଶ୍ୱରଙ୍କ ଦୃଷ୍ଟିରେ ପାପ ଅଟେ

ଏକ ଜଘନ୍ୟ ପାପ କଣ ଅଟେ?

ଈଶ୍ୱରଙ୍କ ବାକ୍ୟର ଅବମାନନା କରିବାହି ଏକ ଜଘନ୍ୟ ପାପ

।

ଈଶ୍ୱରଙ୍କ ଇଚ୍ଛାର ବିରୁଦ୍ଧରେ ଜୀବନ ବିତାଇବା ହିଁ ଏକ ମହାନ ପାପ ଅଟେ ।ଈଶ୍ୱରଙ୍କ ବାକ୍ୟରେ ବିଶ୍ୱାସ ନ କରିବା ମଧ୍ୟ ପାପ ଅଟେ । ଫାରୁଶିମାନେ ବ୍ୟବସ୍ଥା ତୁଳନାରେ ସେମାନଙ୍କ୍ର ରୀତିନୀତି ବିଷୟରେ ବହୁତ ଯତ୍ନବାନ ଥିଲେ, କିନ୍ତୁ ସେମାନଙ୍କର ଏହିସବୁ ବିଷୟକୁ ମଧ୍ୟ ଈଶ୍ୱର ପାପ ଗଣିତ କଲେ । ସେହିକାରଣରୁ ଯୀଶୁ ଫାରୁଶି ମାନଙ୍କୁ କପଟାଚାରୀ କହିଥିଲେ ।

କେଉଁ ପରମେଶ୍ୱରଙ୍କୁ ତମେ ବିଶ୍ୱାସ କର? ତମେ କ୍ଣ ପ୍ରକୃତରେ ମୋତେ ଆଦର ଓ ସମ୍ମାନ ଦେଇଥାଅ?ମୋ ନାମ ସକାସେ ତମେ ଗର୍ବ କର, କିନ୍ତୁ ତମେ କଣ ପ୍ରକୃତରେ ମୋତେ ସମ୍ମାନ ଦିଅ? ମନୁଷ୍ୟ କେବଳ ବାହ୍ୟ ରୂପ ସଜାଏ ଓ ଈଶ୍ୱରଙ୍କ ବାକ୍ୟର ଅବାଧ୍ୟତା ହୁଏ । ଈଶ୍ୱରଙ୍କ ବାକ୍ୟର ଅବମାନନା କରିବା ହିଁ ପାପ ଅଟେ । ଆପ୍ଣ କଣ ଏହି ବିଷୟରେ ଜାଣନ୍ତି କି?
ଆମର ଦୁଷ୍ଟତାରୁ ଯେଉ ଅଧର୍ମର କାମ ଆରମ୍ଭ ହେଲା, ତାହା କେବଳ ଅଧାର୍ମିକତା ମାତ୍ର । ଆମ୍ଭମଧ୍ୟରେ ପାପମୟ ଆଚରଣ ଥିବା ଯୋଗୁଁ ଆମେ ଅନେକ ପାପ କରୁ ଏହା ନୁହେ କିନ୍ତୁ ଏହି ସବୁ କେବଳ ଏକ ଦୋଷ ଅଟେ । ପରମେଶ୍ୱର ସର୍ବଦ ପାପ ଓ ଅଧର୍ମ ମଧ୍ୟରେ ଭେଦଭାବ କରିଥାନ୍ତି । ନିର୍ଦ୍ଦୋଶରେ ମଧ୍ୟ ଯେ କେହି ଈଶ୍ୱରଙ୍କ ବାକ୍ୟକୁ ପାଳନ ନ କରେ ସେ ପାପୀ ଅଟେ ।ପରମେଶ୍ୱରଙ୍କ ସମ୍ମୁଖରେ ସେମାନେ ମହାନ୍ ପାପି ଅଟନ୍ତି, ସେହିକାରଣରୁ ଯୀଶୁ ଫାରୁଶୀ ମାନଙ୍କୁ ତିରସ୍କାର କରିଥିଲେ ।ଆଦି ପୁସ୍ତକରୁ ଦ୍ୱିତୀୟ ବିବରଣ ଯାଏ, ଆମ୍ଭକୁ
କଣ କରିବା ଓ କ୍ଣ ନ କରିବା ଏହି ବିଷୟରେ ଅନେକ ଆଜ୍ଞା ପାଇଛୁ । ସେହିସବୁ ପରମେଶ୍ୱରଙ୍କ ବାକ୍ୟ ଓ ବ୍ୟବସ୍ଥା ଅଟେ । ଯଦିଓ ଆମେ ଏହାକୁ ଶତ ପ୍ରତିଶତ ପାଳନ ନ କରୁ ତଥାପି ଆମେ ଏହାକୁ ଈଶ୍ୱରଙ୍କ

ବ୍ଯବସ୍ଥା କହିବା ।ପ୍ରାରମ୍ଭରୁ ଏହା ଆମକୁ ଦିଆଯାଇଛି ଓ ଏହାକୁ ଈଶ୍ୱରଙ୍କ ବାକ୍ୟ ରୂପେ ଗ୍ରହଣ କରିବା ଆମର କର୍ତ୍ତବ୍ୟ ଅଟେ ।

'ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ' (ଯୋହନ୍୧:୧) । ତାହାପରେ ସେ କହିଲେ 'ଦୀପ୍ତି ହେଉ,ତହିଁରେ ଦୀପ୍ତି ହେଲା' । ଜଗତର ସମସ୍ତ ବିଷୟ ସୃଷ୍ଟି କରିବା ପରେ ସେ ବ୍ୟବସ୍ଥାର ସ୍ଥାପନା କଲେ । '
ଆଉ ସେହି ବାକ୍ୟ ଦେହବନ୍ତ ହେଲେ , ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ସେ ଈଶ୍ୱରଙ୍କ ବାକ୍ୟ ଅଟନ୍ତି' (ଯୋହନ ୧;୧୪) । ପରମେଶ୍ୱର କି ପ୍ରକର ନିଜକୁ ଆମ ଠାରେ ପ୍ରକାଶ କଲେ? ପରମେଶ୍ୱର ବାକ୍ୟ ଓ ଆତ୍ମା ହୋଇଥିବାରୁ, ନିଜକୁ ବ୍ୟବସ୍ଥା ମାଧ୍ୟମରେ ନିଜକୁ ପ୍ରକାଶ କରନ୍ତି । ସେଥିପାଇଁ ବାଇବଲ ବିଷୟରେ ଆମର ଚିନ୍ତାଧାରା କଣ? ଏହା ନିଶ୍ଚିତ କି ଏହାକୁ ଆମେ ଈଶ୍ୱରଙ୍କ ବାକ୍ୟ (ବାଇବଲ) କହିଥାଉ ।
ଏହି ପ୍ରକାର କୁହାଯାଇଛି, 'ଈଶ୍ୱରଙ୍କ ବ୍ୟବସ୍ଥାକୁ ଅଗ୍ରାହ୍ୟ କରି ମନୁଷ୍ୟର ରୀତିନୀତିକୁ ପାଳନ କରୁଛ' । ତାହାଙ୍କ ବ୍ୟବସ୍ଥାର ୬୧୩ଟି ଧାରା ଅଛି, ଏହି ସବୁ ଏହି ପ୍ରକାର ଶିକ୍ଷା ଦେଇଥାଏ, ଏହା କରିବା ଆବଶ୍ୟକ ଓ ତାହା କରିଅବାର ଉଚିତ୍ ନୁହ, ଅପଣା ପିତାମାତାଙ୍କୁ ସମ୍ମାନ କର ଇତ୍ୟାଦି । ଲେବୀୟ ପୁସ୍ତକରେ ପୁରୁଷ-ସ୍ତ୍ରୀ ଙ୍କ ବ୍ୟବହାର ବିଷୟରେ ଓ ଯଦି ଗୋଟିଏ ପଶୁ ଗାତରେ ପଡେ ତାହାହେଲେ କ୍ଣ କରାହେବ (ଏହି ସବୁ କେତେକ ଉଦାହରଣ ମାତ୍ର) ବିଷୟରେ ଦେଖିବାକୁ ମିଳେ । ଏହି ପରି ଗୋଟିଏ ପରେ ଗୋଟିଏ ୬୧୩ ଟି ଧାରାର ବିବରଣ ଦେଖିବାକୁ ମିଳେ ।
ଏହି ବାକ୍ୟ ମନୁଷ୍ୟଠାରୁ ନୁହେ, ତେଣୁ ସର୍ବଦା ଏହା ବିଷୟରେ ଚିନ୍ତା କରିବା ଆବଶ୍ୟକ ଅଟେ । ଯଦିଓ ଆମ ପାଇଁ ଏହି ସମସ୍ତ ବ୍ୟବସ୍ଥା ପାଳନ କରିବା ସମ୍ଭବପର ନୁହ, ତଥାପି ଆମ୍ଭେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଇ ତାହାଙ୍କର ବଶିଭୂତ ହେବା ଆବଶ୍ୟକ ।
ପରମେଶ୍ୱରଙ୍କ ବାକ୍ୟରେ କ୍ଣ ଏହି ପ୍ରକାର ଗୋଟିଏ ବିଷୟ ଅଛି ଯାହାକି ମିଥ୍ୟା ଅଟେ? ଫାରୁଶିମାନେ ଈଶ୍ୱରଙ୍କ ଆଜ୍ଞାକୁ ପ୍ରାଧାନ୍ୟତା ଦେବା ବଦଳେ ଏହାକୁ କୋଣେଇ ରଖିଲେ ଓ ସେମାନଙ୍କର ସାମାଜିକ ରୀତିନୀତିକୁ ଅଧିକ ପ୍ରାଧାନ୍ୟତା ଦେଇଥିଲେ । ସେମାନଙ୍କ ପ୍ରାଚୀନମାନଙ୍କର ଆଜ୍ଞା ଈଶ୍ୱରଙ୍କ ଆଜ୍ଞାରୁ ମଧ୍ୟ ଅଧିକ ଶକ୍ତିଶାଳି ଥିଲା । ଯୀଶୁ ଯେତେବେଳେ ଏହି ଜଗତରେ ଥିଲେ, ସେ ଏହି ସମସ୍ତ ବିଷୟକୁ ଦେଖିଥିଲେ ଓ ସବୁଠାରୁ ବଡ ଦୁ:ଖର ବିଷୟ ଥିଲା କି ଲୋକେ ଈଶ୍ୱରଙ୍କ ବାକ୍ୟକୁ ଅବମାନନା କରୁଥିଲେ ।
ପରମେଶ୍ୱର ଆମକୁ ବ୍ୟବସ୍ଥାର ୬୧୩ ଟି ଧାରା ଦେଇଛନ୍ତି, ଏହାର ବିଶେଷ ମହତ୍ତ୍ୱ ହେଲା କି ଆମେ ଆମର ପାପ ବିଷୟରେ ଜ୍ଞାତ ହେବୁ ପୁଣି ଈଶ୍ୱର ଯେ ପବିତ୍ର ଓ ସତ୍ୟ ଅଟନ୍ତି ଏହା ଜାଣି ପାରିବୁ ।

ଆମେ ପ୍ରତ୍ୟେକେ ତାଙ୍କ ସମ୍ମୁଖରେ ପାପୀ ହୋଇଥିବା ହେତୁ ଆମକୁ ବିଶ୍ୱାସରେ ବଞ୍ଚିବା ଓ ଯୀଶୁଙ୍କଠାରେ ବିଶ୍ୱାସ କରିବା, କାରଣ  ଇଶ୍ୱରଙ୍କ ପ୍ରେମ ଆମ ପ୍ରତି ଅଛି ସେଥିପାଇଁ ସେ ଯୀଶୁଙ୍କୁ ଜଗତକୁ ପଠାଇଲେ ।

ଯେଉଁମାନେ ଇଶ୍ୱରଙ୍କ ବାକ୍ୟକୁ ଏକ ପାଖରେ ଆଡେଇ ଦିଅନ୍ତି ଓ ବିଶାସ କରନ୍ତି ନାହିଁ ସେମାନେ ପାପୀ ଅଟନ୍ତି । ଯେଉଁମାନେ ଇଶ୍ୱରଙ୍କ ବାକ୍ୟକୁ ପାଳନ ନ କରନ୍ତି ସେମାନେ ମଧ୍ୟ ପାପୀ ଅଟନ୍ତି, କିନ୍ତୁ ବାକ୍ୟକୁ ଅଜ୍ଞାତ କରିବା ଏକ ମହାନ ପାପ ଅଟେ । ଯେଉଁମାନେ ଏହି ପ୍ରକାର ମହାନ୍ ପାପର ସହଭାଗି ଅଟ୍ନ୍ତି ସେମାନଙ୍କ ପାଇଁ ନର୍କ ସୁନିଶ୍ଚିତ ଅଟେ ।  ଇଶ୍ୱରଙ୍କ ବାକ୍ୟରେ ଅବିଶ୍ୱାସ କରିବା ହିଁ ଏକ ଭୟଙ୍କର ପାପ ଅଟେ ।

ପରମେଶ୍ୱର ଆମ୍ଭମାନଙ୍କୁ ବ୍ୟବସ୍ଥା କଣ ପାଇଁ ଦେଲେ, ଏହାର କାରଣ କଣ ଅଟେ

ପରମେଶ୍ୱର ଆମ୍ଭମାନଙ୍କୁ ବ୍ୟବସ୍ଥା କଣ ପାଇଁ ଦେଲେ?

ଆମ୍ଭମାନଙ୍କ ପାପ  ଓ ପାପର ଦଣ୍ଡ ବିଷୟରେ ଜ୍ଞାତ କରାଇବା ପାଇଁ

ପରମେଶ୍ୱର ଆମ୍ଭମାନଙ୍କୁ ବ୍ୟବସ୍ଥାଦେବାର କାରଣ କଣ ଥିଲା? ଏଥିପାଇଁ କି ଆମେ ନିଜର ପାପକୁ ଜ୍ଞାତ ହେବୁ ଓ ତାହାଙ୍କ ନିକଅଟକୁ ଫେରିବୁ । ସେ ଆମ୍ଭମାନଙ୍କୁ ବ୍ୟବସ୍ଥାର ୬୧୩ ଟି ଧାରା ଦେଲେ ଯାହାଦ୍ୱାରା ଆମେନିଜର ପାପକୁ ଜାଣିବୁ ଓ ଯୀଶୁଙ୍କ ଦ୍ୱାରା ଉଦ୍ଧାର ପ୍ରାପ୍ତ ହେବୁ । ଏହି କାରଣ ପାଇଁ ସେ ଆମକୁ ବ୍ୟବସ୍ଥା ଦେଲେ ।

ରୋମୀୟ ୩:୨୦ରେ ଲେଖାଯାଏ, 'ବ୍ୟବସ୍ଥା ଯୋଗଁ ମୁ ପାପ କଣ ଏହା ଜାଣିଲି' । ସେଥିପାଇଁ ଆମେଜାଣୁଯେ ବ୍ୟବସ୍ଥାରେ ବାଧ୍ୟତା ସହ ଜୀବନ ଯାପନ କରିବା ବିଷୟ ଇଶ୍ୱରଙ୍କ ଇଚ୍ଛା ନ ଥିଲା । ତାହାହେଲେ ବ୍ୟବସ୍ଥାରୁ ଆମେ କେଉଁ ବିଷୟକ ଜ୍ଞାନ ପ୍ରାପ୍ତ ହେଲୁ?  ଏହାକି ଆମ୍ଭେ ବ୍ୟବସ୍ଥାକୁ ପାଳ ନ କରିବା ପାଇଁ ଆମେ ବହୁତ ଦୁର୍ବଳ ଅଟୁ, ଓ ଇଶ୍ୱରଙ୍କ ସମ୍ମୁଖ ରେ ଆମେ ମହାନ ପାପୀ ଅଟୁ । ବ୍ୟବସ୍ଥାର ଏହି ୬୧୩ଟି ଧାରାରୁ ଆମେ କ୍ଣ ଜାଣିପାରିଲୁ? ଆମ ମଧ୍ୟରେ ଥିବା ଦୁର୍ବଳତା ଓ ଅସକ୍ଷମତାକୁ ଜାଣିଲୁ । ଆମେ ଏହା ଜାଣୁ କି, ଇଶ୍ୱରଙ୍କ ସୃଷ୍ଟି, ତାଙ୍କ ସମ୍ମୁଖରେ ବିଶେଷ ମୂଲ୍ୟବାନ ଅଟନ୍ତି ଓ ତାହା ସହିତ ମହାନ୍ ପାପୀ ଅଟ୍ନ୍ତି । ତାହାଙ୍କ ଏହି ବ୍ୟବସ୍ଥା ଯୋଗୁ ଆମେ ସମସ୍ତେ ନର୍କକୁ ନିଶ୍ଚିତ ରୁପେ ନିର୍ଧାରିତ ଥିଲୁ ।

ଆମେ ଯେତେବେଳେ ଆମର ପାପ ଓ ତାହାଙ୍କ ବ୍ୟବ୍ସ୍ଥାରେ ଜୀବିତ ରହିବାର ଅସକ୍ଷମତାକୁ ଅନୁଭବ କରୁ, ତାହାହେଲେ କ୍ଣ କରିବା ଆବଶ୍ୟ୍କ? ଆମେ କ୍ଣ ଏକ ପୂର୍ଣ ବ୍ୟକ୍ତି ରୁପେ ବ୍ଞ୍ଚିବାକୁ ଚେଷ୍ଟା କରୁ?

ନୁହ, ଆମେ ନିଜକୁ ଏକ ପାପି ମାନିନେବା, ଯୀଶୁଙ୍କ ଠାରେ ବିଶ୍ୱାସ କରିବା ପୁଣି ତାହାଙ୍କ ଜଳ ଓ ଆତ୍ମାର ସୁସମାଚାରରେ ଉଦ୍ଧାର ପ୍ରାପ୍ତ ହୋଇ, ଈଶ୍ୱରଙ୍କୁ ଧନ୍ୟବାଦ ଦେବା ଆବଶ୍ୟକ ଅଟେ ।

ଈଶ୍ୱର ଆମକୁ ବ୍ୟବସ୍ଥା ଦେବାର ମୂଳ ବିଷୟ ଏହା କି, ଆମେ ଆମର ପାପ ଓ ସେହି ପାପର ପରିନାମକୁ ବିଷୟରେ ଜ୍ଞାତ ହେବା ନିତାନ୍ତ ଆବଶ୍ୟକ ଅଟେ । ଏହା ଆମକୁ ଗୋଟିଏ ବିଷୟରେ ଜ୍ଞାତ କରାଇବ କି, ଯୀଶୁଙ୍କ ବ୍ୟତିତ ଆମେ ନର୍କରୁଉଦ୍ଧାର ପାଇବାର  ସମ୍ଭବ ନୁହେ ।  ଯଦି ଆମେ ଯୀଶୁଙ୍କୁ ଆମ୍ର ଉଦ୍ଧାରକର୍ତ୍ତା ମାନୁ, ତାହାହେଲେ ପରିତ୍ରାଣ ପ୍ରାପ୍ତ ହେବୁ । ସେ ଆମ୍‌କୁ ବ୍ୟବସ୍ଥା ଦେଲେ କାରଣ ଏହି ବ୍ୟବସ୍ଥା ଆମକୁ ଯୀଶୁଙ୍କ ଆଡ଼୍‌କୁ ଆଗେଇ ନେବ ।
ଆମେ କେତେ ମହାନ୍ ପାପୀ ଅଟୁ ଓ ଏହି ପାପମୟ ଜୀବନଠାରୁ କିପ୍ରକାର ଉଦ୍ଧାର ପାଇବା ଏହା ବ୍ୟବସ୍ଥା ପ୍ରକାଶ କରେ । ସେ ଆମକୁ ବ୍ୟବସ୍ଥା ଦେଲେ ଓ ଆପଣାର ପ୍ରିୟ ପୁତ୍ର ଯୀଶୁଙ୍କୁ ମଧ୍ୟ ଦେଲେ, ଯାହାଦ୍ୱାରା ସେ ବାପ୍ତିଷ୍ମଦ୍ୱାରା  ଆମର ସବୁ ପାପକୁ ନେଇଯିବେ । ଯୀଶୁଙ୍କଠାରେ ବିଶ୍ୱାସ ହିଁ ଆମର ପରିତ୍ରାଣ ଅଟେ । ଆମେ ଅସହାୟ ପାପୀଗଣ ଓ ଯୀଶୁଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ଆମେ ପାପରୁ ମୁକ୍ତି, ତାହାଙ୍କ ସନ୍ତାନର ଅଧିକାର ଓ ଈଶ୍ୱରଙ୍କୁ ସମସ୍ତ ସମ୍ଭ୍ରମ ଦେବାର ଅଧିକାର ପ୍ରାପ୍ତ ହେଉ । ସମସ୍ତ ବିଷୟ ତାଙ୍କଠାରୁ ଉତ୍ପନ୍ନ ହୋଇଥିବା ଯୋଗୁଁ ଆମକୁ ତାଙ୍କ ବାକ୍ୟାନୁସାରେ ସବୁ ବିଷୟକୁ ବୁଝିବା, ଚିନ୍ତାକଅରିବା ଓ ସେହି ଅନୁସାରେ ବିଚାର କରିବା ଉଚିତ୍ ଅଟେ । ଆମକୁ ଏହି ସତ୍ୟତାକୁ ଜାଣିବା ଆବଶ୍ୟକ କି ତାଙ୍କ ବାକ୍ୟରେ ଆମର ପରିତ୍ରାଣ ଅଛି । ଏହା ହିଁ ସତ୍ୟ ଓ ପ୍ରକୃତ ବିଶ୍ୱାସ ଅଟେ ।

**ଜଣେ ମନୁଷ୍ୟର ହୃଦୟରେ କ୍ଣ ଅଛି?**
**ଈଶ୍ୱରଙ୍କ ସମ୍ମୁଖରେ ଆମେ କ୍ଣ କରୁ?**
ପରମେଶ୍ୱରଙ୍କ ଠାରେ ଆମର ପାପକୁ ସ୍ୱୀକାର କରିବା ଓ ପରିତ୍ରାଣ ପାଇଁ ପ୍ରାର୍ଥନା କରିବା

ବିଶ୍ୱାସ ପରମେସ୍ୱରଙ୍କ ବାକ୍ୟରୁ ଆରମ୍ଭ ହେବା ଦରକାର ଓ ସେହି ବାକ୍ୟ ଦ୍ୱାରା ଈଶ୍ୱରଙ୍କ ଠାରେ ବିଶ୍ୱାସ କରିବା ଆବଶ୍ୟକ ଅଟେ । ଏହି ପ୍ରକାର ନ ହେଲେ ଆମେ ପାପରେ ପଡିବୁ ।  ତାହା ଭୁଲ୍ ଓ ଏକ ଅସତ୍ୟ ବିଶ୍ୱାସ ଅଟେ ।

ଅଧୁଆ ହାତରେ  ଯୀଶୁଙ୍କ ଶିଷ୍ୟମାନେ ରୋଟି ଖାଉଥିଲେ, ଏହା ଦେଖି ଫାରୁଶି ଓ ସଦ୍ଦୁକୀମାନେ ଚୁପ୍ ହୋଇ ରହିପାରି ନ ଥିଲେ । ପରମେଶ୍ୱରଗ୍‌କ ବାକ୍ୟ ଏହା କହେ, ଯାହ ଭିତରକୁ ଯାଏ, ତାହା ମନୁଷ୍ୟକୁ

କିଛି କ୍ଷତି କରି ନ ଥାଏ, କାରଣ ଏହା ମୁଖ ଦେଇ ପେଟକୁ ଯାଏ ଓ ଶରୀରରୁ ବାହାରି ଥାଏ, ପୁଣି ହୃଦୟକୁ ଏହା ସ୍ପର୍ଶ କରି ନଥାଏ ।
ମାର୍କ ୭:୨୦-୨୩ ଯେ ପ୍ରକାର ଲେଖାଯାଏ 'ଆଉ ସେ କହିଲେ, ଯାହା ମନୁଷ୍ୟ ଠାରୁ ବାହାରେ , ତାହାହିଁ ତାହାକୁ ଅସୁଚି କରେ । କାରଣ ଭିତରୁ, ମନୁଷ୍ୟର ହୃଦୟରୁ, କୁଚିନ୍ତା ବାହାରେ-ବେଶ୍ୟାଗମନ, ଚୋଉର୍ଯ୍ୟ, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଷଠତା, କାମୁକତା, ଈର୍ଷାଦୃଷ୍ଟି, ନିନ୍ଦା, ଅହଙ୍କାର, ମୂର୍ଖତା, ଏହି ସମସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅସୁଚି କରେ' । ଯୀଶୁ କହିଲେ, ଲୋକେ ପାପରେ ଜନ୍ମ ହୋଇଥିବା ଯୋଗୁଁ ସେମାନେ ପପୀ ଅଟନ୍ତି ।

ଏହାର ଅର୍ଥ କଣ, ଆପଣ ଜାଣନ୍ତି କି? ଆମେ ସମସ୍ତେ ଆଦମ୍‌ଙ୍କ ବଂଶରୁ ଜାତ ହୋଇଥିବା ଯୋଗୁ ଆମେ ପାପୀ ଅଟୁ । ପରମେଶ୍ୱରଙ୍କ ବାକ୍ୟକୁ ଗ୍ରହଣ କିମ୍ବା ବିଶ୍ୱାସ ନ କରିବା ଯୋଗୁ ଆମେ ସତ୍ୟତାକୁ ଦେଖି ନ ଥାଉ । ସେଥିପାଇଁ ଜଣେ ମନୁଷ୍ୟର ହୃଦୟରେ କଣ ଅଛି?

ଉପରୋକ୍ତ ବାକ୍ୟ ଏହା କହେ କି, 'କାରଣ ଭିତରୁ, ମନୁଷ୍ୟର ହୃଦୟରୁ, କୁଚିନ୍ତା ବାହାରେ-ବେଶ୍ୟାଗମନ, ଚୋଉର୍ଯ୍ୟ, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଷଠତା, କାମୁକତା, ଈର୍ଷାଦୃଷ୍ଟି, ନିନ୍ଦା, ଅହଙ୍କାର, ମୂର୍ଖତା, ଏହି ସମସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅସୁଚି କରେ' ।
ଗୀତସଂହିତାରେ ଦେଖୁ ଯେ, 'ମୁଁ ତୁମ୍ଭ ଅଙ୍ଗୁଳିକୃତ ତୁମ୍ଭ ଆକାଶମଣ୍ଡଳ, ତୁମ୍ଭର ନିରୂପିତ ଚନ୍ଦ୍ର ଓ ନକ୍ଷତ୍ରଗଣକୁ ବିବଚନା କଲେ, କହେ, ମନୁଷ୍ୟ କିଏ ଯେ, ତୁମ୍ଭେ ତାହା ବିଷୟରେ ମନୋଯୋଗୀ ହୋଇଅଛ?ଓ ମନୁଷ୍ୟର ସନ୍ତାନ କିଏ ଯେ, ତୁମ୍ଭେ ତାହାର ତତ୍ତ୍ୱାବଧାନ କରୁଅଛ?' (ଗୀତ ସଂହିତା ୮:୩-୪) ।
କେଉଁ କାରଣ ଯୋଗୁଁ ଈଶ୍ୱର ଆମ୍ଭର ତତ୍ତ୍ୱାବଧାନ କରନ୍ତି? ଗୋଟିଏ କାରଣରୁ ସେ ଆମ୍ଭର ତତ୍ତ୍ୱାବଧାନ କରନ୍ତି, କାରଣ ସେ ଆମ୍ଭକୁ ସୃଷ୍ଟି କରିଛନ୍ତି ଓ ଏକ ପାପୀ ଉପରେ ସେ ଆପଣା କରୁଣା ବର୍ତ୍ତାନ୍ତି ।ସେ ଆମର ସମସ୍ତ ଅଧର୍ମକୁ କ୍ଷମା କଲେ ଓ ଆମକୁ ନିଜ ଲୋକ କଲେ । 'ହେ ସଦାପ୍ରଭୁ, ଆମ୍ଭର ପ୍ରଭୁ, ସମସ୍ତ ଆକାଶମଣ୍ଡଳ ଓ ପୃଥୀବୀରେ ତୁମ୍ଭର ନାମ କେତେ ମହାନ୍ ଅଟେ! ପରମେଶ୍ୱର ଯେ ପାପୀମାନଙ୍କର ପରିତ୍ରାଣ ଏହାକୁ ଜ୍ଞାତ ହୋଇ, ଦାଉଦ ରାଜା ଏହି ଗୀତ ପୁରାତନ ନିୟମରେ ଗାଇଥିଲେ ।
ନୂତନ ନିୟମରେ , ପ୍ରେରିତ ପାଉଲ ଏହି ଗୀତ ସଂହିତାର ପୁନ:ର୍ଚାରଣ କରିଥିଲେ । ସୃଷ୍ଟି କର୍ତ୍ତା ଈଶ୍ୱରଙ୍କ ସନ୍ତାନ ହେବା, ଆମ୍ଭଭଳି ସୃଷ୍ଟି ପାଇଁ ଏକ ମହନ୍ ଅଦ୍ଭୁତ ବିଷୟ ଅଟେ । ଏହା କେବଳ ଆମ୍ଭମାନଙ୍କ ପାଇଁ ଈଶ୍ୱରଙ୍କ କରୁଣା ଯୋଗୁହିଁ ସମ୍ଭବ ହୋଇଥାଏ । ଏହାହି ପରମେଶ୍ୱରଙ୍କ ପ୍ରେମ ଅଟେ ।

ଆମକୁ ଗୋଟିଏ ବିଷୟରେ ଜ୍ଞାତ ହେବା ଉଚିତ୍ କି, ସମସ୍ତ ବ୍ୟବସ୍ଥାକୁ ପାଳନ କରି ତାଙ୍କଠାରେ ବଞ୍ଚିବା ତାଙ୍କ ପାଇଁ ଏକ ମହାନ୍ ଦାବି ଅଟେ । ଏହା ମଧ୍ୟ ଏକ ଦୃଢତା, ଆମର ଅଜ୍ଞାତରୁ ଉତ୍ପନ୍ନ ହୁଏ । ବ୍ୟବସ୍ଥା ପାଳନ ପାଇଁ ହଇରାଣ ହେବା ଓ ଉତ୍ତମ ଜୀବନ ବିତାଇବା ପାଇଁ ସବୁବେଳେ ପ୍ରାର୍ଥନା କରି, ଇଶ୍ୱରଙ୍କ ପ୍ରେମ ବିହୁନେ ଜୀବନ ଯାପନ କରିବା ଯଥାର୍ଥ ନୁହେ । ପରମେଶ୍ୱରଙ୍କ ଇଚ୍ଛା ଏହା କି, ଆମେ ନିଜକୁ ବ୍ୟବସ୍ଥା ଅଧିନରେ ପାପୀ ଗଣିତ କରିବା ଓ ଯୀଶୁଙ୍କ ରକ୍ତ ଓ ଜଳରେ ଯେ ପରିତ୍ରାଣ ଅଛି ଏହି ବିଷୟକୁ ବିଶ୍ୱାସ କରିବା ।

ତାଙ୍କ ବାକ୍ୟରେ ଲେଖା ଯାଇଛି, ମାର୍କ ୭;୨୦-୨୩ 'ଯାହା ମନୁଷ୍ୟ ଠାରୁ ବାହାରେ , ତାହାହିଁ ତାହାକୁ ଅସୁଚି କରେ । କାରଣ ଭିତରୁ, ମନୁଷ୍ୟର ହୃଦୟରୁ, କୁଚିନ୍ତା ବାହାରେ-ବେଶ୍ୟାଗମନ, ଚୋଉର୍ଯ୍ୟ, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଷଠତା, କାମୁକତା, ଇର୍ଷାଦୃଷ୍ଟି, ନିନ୍ଦା, ଅହଙ୍କାର, ମୁର୍ଖତା, ଏହି ସମ୍ସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅସୁଚି କରେ' ।
ଯୀଶୁ କହିଲେ ଯାହା ମନୁଷ୍ୟ ଭିତରୁ ବାହାରେ, ସେହି ଅନ୍ତରର ପାପ ମନୁଷ୍ୟକୁ ଅଶୁଚି କରେ । ପରମେଶ୍ୱରଙ୍କଠାରୁ ଆନୀତ ଅଶୁଚି ଖାଦ୍ୟ ମଧ୍ୟ ଆମ୍କୁ ଅଶୁଚି କରି ନ ଥାଏ । ସମସ୍ତ ସୃଷ୍ଟି ପବିତ୍ର ଅଟେ, କିନ୍ତୁ ଯାହା ମନୁଷ୍ୟର ହୃଦୟରୁ ଆସେ, ତାହା ପାପ, ପୁଣି ତାହା ହିଁ ଆମକୁ ଅଶୁଚି କରେ । ଆମେ ସମସ୍ତେ ଆଦମଙ୍କ ବଂଶୀ ଅଟୁ । ତେଣୁ ଆମେ କି ପ୍ରକାର ଜନ୍ମ ହୋଇଛୁ? ଆମ୍ଭେ ବାର ପ୍ରକାର ପାପରେ ଜନ୍ମିଛୁ । ଏହା କ୍ଣ ସତ୍ୟ ନୁହେ?
ଏହି ପ୍ରକାର ସ୍ଥିତିରେ ଆମେ କଣ ପାପ ନ କରି ବ୍ଞ୍ଚି ପାରିବା? ଆମେ ପାପରେ ଜନ୍ମିଛୁ ସେଥିପାଇଁ ପାପ କରୁଥିବୁ । ଆମର ବ୍ୟବସ୍ଥାର ଜ୍ଞାନ କଣ ଆମ୍କୁ ପାପରୁ ବ୍ଞ୍ଚିତ କରିବ? ଆମେ କଣ ତାଙ୍କ ଦିଆ ଯାଇଥିବା ଆଜ୍ଞାଦ୍ୱାରା ବଞ୍ଚି ପାରିବା? କଦାପି ନୁହଁ । ଆମେ ବ୍ୟବସ୍ଥାକୁ ପାଳନ କରିବାକୁ ଯେତେ ଇଛା କରୁ, ଏହା ଆମ ପାଇଁ ସେତିକି କଷ୍ଟକର ହୁଏ । ଆମେ ନିଜର ସୀମାକୁ ଅନୁଭବ କରିବା ଓ ଅତୀତର ସମସ୍ତ ବିଷୟକୁ ଭୁଲିବାର ଦରକାର । ଏହାପରେ ନମ୍ରତା ସହ ଯୀଶୁଙ୍କ ରକ୍ତ ଓ ବାପ୍ତିଷ୍ମକୁ ଗ୍ରହଣ କରିବା, ଯାହାକି ଆମକୁ ଉଦ୍ଧାର କରିବ ।

ବ୍ୟବସ୍ଥାର ୬୧୩ ଟି ଧାରା ମଧ୍ୟ ଭଲ ଓ ନ୍ୟାୟ ଅଟେ । କିନ୍ତୁ ଲୋକମାନେ ମାତୃଗର୍ଭରୁ ହିଁ ପାପୀ ଅଟ୍ନ୍ତି । ଯେତେବେଳେ ଆମେ ବ୍ୟବସ୍ଥା ଯେ ଉତ୍ତମ ଓ ଆମ୍ଭେ ଯେ ଜନ୍ମଗତ ପାପୀ ସେଥିପଇଁ ଆମେ ନିଜର କାମରେ କେବେହେଲେ ଧାର୍ମିକ ହୋଇ ନ ପାରୁ ଏହି ବିଷୟକୁ ଅନୁଭବ କରିବା, ସେହି ପରିସ୍ଥିତିରେ ଇଶ୍ୱରଙ୍କ କରୁଣାର ଆବଶ୍ୟକତା ଓ ଜଳ, ରକ୍ତ ଓ ଆତ୍ମାଙ୍କ ସୁସମାଚାରରେ ବିଶ୍ୱାସ କରିବା ଦ୍ୱାର ଯୀଶୁଙ୍କଠାରେ ଆମର ପରିତ୍ରାଣର ଆବଶ୍ୟକତାକୁ ଅନୁଭବ କରି ପାରିବା । ଯେତେବେଳେ ଆମେ

ଗୋଟିଏ ବିଷୟକୁ ଅନୁଭବ କରୁ କି, ଆମେ ନିଜ ଚେଷ୍ଟାରେ କେବେହେଲେ ଧର୍ମିକ ହୋଇ ପାରିବା ନାହିଁ ଓ ଏହି ପାପ ପାଇଁ ନର୍କ ଯେ ସୁନିଶ୍ଚିତ- ଏହି ସମୟରେ ଯୀଶୁଙ୍କ ଠାରେ ବିଶ୍ୱାସ କରି ତାହାଙ୍କ ପରିତ୍ରାଣ ପ୍ରାପ୍ତ ବ୍ୟତୀତ ଆଉ କିଛି ଉପାୟ ନାହି ।

ଯଦି ଆମେ ନିଜର ଚେଷ୍ଟାରେ କେବେହେଲେ ପରମେଶ୍ୱରଙ୍କ ସମ୍ମୁଖରେ କେବେହେଲେ ଭଲ ହୋଇ ନ ପାରୁ, ଏହି ବିଷୟକୁ ମାନିନେବା ତାହାହେଲେ ଆମେ ଉଦ୍ଧାର ପ୍ରାପ୍ତ ହେବୁ । ସେଥିପାଇଁ ଆମେ ଯେ ପାପୀ ଓ ନର୍କ ଯେ ଆମର ଲକ୍ଷ ଅଟେ ଏହା ଇଶ୍ୱରଙ୍କ ସମ୍ମୁଖରେ ସ୍ୱିକାର କରୁ ଓ ତାହାଙ୍କ କରୁଣା ପାଇଁ ପ୍ରାର୍ଥନା କରୁ, 'ପ୍ରଭୁ ମୋ ପାପରୁ ଉଦ୍ଧାର କର ଓ ମୋ ପ୍ରତି ତୁମ୍ଭ ଦୟା ହେଉ' । ତାହାହେଲେ ସଦାପ୍ରଭୁ ନିଶ୍ଚିତ ରୁପେ ତାଙ୍କ ବାକ୍ୟ ଦେଇ ଆମକୁ କଥା କହିବେ । ଏହି ପ୍ରକାର ଭାବେ ସେ ଆମ୍ଭର ଉଦ୍ଧାର କରିବେ ।

ଆସ ଆମ୍ଭେ ଦାଉଦଙ୍କ ପ୍ରାର୍ଥନାକୁ ଦେଖିବା । 'ତେଣୁ ତୁମ୍ଭେ କଥା କହିବା ବେଳେ ଧାର୍ମିକ ଓ ବିଚାର କରିବା ବେଳେ ନିର୍ଦ୍ଦୋଷ ହେବ' ।(ଗୀତ ସଂହିତା ୫୧:୪) ।ଦାଉଦ ଜାଣିଥିଲେ କି ତାଙ୍କ ଅନ୍ତରରେ ଅନେକ ପାପ ଅଛି ଓ ସେହି ପାପ ତାଙ୍କୁ ନର୍କକୁ ନେଇଯିବା ପାଇଁ ଯ୍‌ଥେଷ୍ଟ ଅଟେ, କିନ୍ତୁ ସେ ଅଇଶ୍ୱରଙ୍କ ଠାରେ ପ୍ରାର୍ଥନା କରି କହିଲେ, 'ପ୍ରଭୁ, ଯଦି ତମେ ମୋତେ ପାପୀ କହ, ମୁଁ ପପୀ ଅଟେ । ତମେ ଯଦି ମୋତେ ଧାର୍ମିକ କହ, ମୁ ଧାର୍ମିକ ଅଟେ । ଯଦି ତମେ ଉଦ୍ଧାର କର, ମୁଁ ଉଦ୍ଧାର ପ୍ରାପ୍ତ ହେବି; ଏବଂ ଯଦି ତମେ ମୋତେ ନର୍କକୁ ପଠାଇବ ମୁଁ ନର୍କକୁ ଯିବି' ।

ଉଦ୍ଧାର ପାଇବା ପାଇଁ ଏହା ହିଁ ପ୍ରକୃତ ବିଦ୍ୱାସ ଅଟେ । ଯୀଶୁଙ୍କ ଉଦ୍ଧାରରେ ବିଶ୍ୱାସରେ ଯଦି ଭରସା ଅଛି, ତାହାହେଲେ ଏହି ପ୍ରକାର ହେବା ଆବଶ୍ୟକ ।

**ଆମ୍ଭମାନଙ୍କ ଜୀବନର ପ୍ରକୃତ ପାପ ଗୁଡିକ ଜାଣିବା ଉଚିତ୍**

ଆମେ ସମସ୍ତେ ଆଦମଙ୍କ ବଂଶରୁ ହୋଇଥିବା ଯୋଗୁଁ, ଆମ ସମସ୍ତଙ୍କ ହୃଦୟରେ ଅଭିଳାଷ ଅଛି । ତଥାପି, ପରମେଶ୍ୱର ଆମକୁ କଣ କହନ୍ତି? ଯଦିଓ ଆମ ହୃଦୟରେ ବ୍ୟଭିଚାର ଅଛି, ତଥାପି ବ୍ୟଭିଚାର ନ କରିବା ପାଇଁ ସେ ଆମକୁ ଆଜ୍ଞା ଦିଅନ୍ତି । ନରହତ୍ୟାର ଆତ୍ମା ଅଛି, କିନ୍ତୁ ପରମେଶ୍ୱର କଣ ଅହନ୍ତି?ସେ କାହାକୁ ବଧ ନ କରିବା ପାଇଁ କହନ୍ତି । ଆମେ ସମସ୍ତେ ଆମ ହ୍ହ୍ରିଦୟରେ ପିତାମାତାଙ୍କର ଅନାସର କରୁ, କିନ୍ତୁ ତାଙ୍କୁ ସମ୍ମାନଦେବା ପାଇଁ ସେ ଆମକୁ କହନ୍ତି । ଆମେ ଗୋଟିଏ ବିଷୟରେ ଜ୍ଞାତ ରହିବା ଆବଶ୍ୟକ କି ଇଶ୍ୱରଙ୍କ ବାକ୍ୟ ସତ୍ୟ ଓ ଧାର୍ମିକ ଅଟେ, କିନ୍ତୁ ଆମ ହୃଦୟରେ ପାପ ଅଛି ।

ଏହା ସତ କି ନୁହଁ? ଏହା ନିରାଟ ସତ୍ୟ ଅଟେ । ସେଥିପଇଁ ପରମେଶ୍ୱରଙ୍କ ସମ୍ମୁଖରେ କଣ କରିବା ଆବଶ୍ୟକ? ଆମେ ଏହି ବିଷୟକୁ ସ୍ମରଣ କରିବା କି ଆମ ମଧ୍ୟରେ ପାପ ଅଛି ଓ ଆମେ ନିରାଟ

ଅସହାୟ ପାପୀ ଅଟୁ । ଏହି ପ୍ରକାର ଚିନ୍ତା କରିବା ଉଚିତ୍ ନୁହ କି କାଲି ମୁଁ ପାପ କରିନଥିଲି ସେଥି ପାଇଁ ମୁ ଧାର୍ମିକ ଥିଲି କିନ୍ତୁ ଆଜି ପାପ କରି ଥିବାରୁ ମୁଁ ଏକ ପାପୀ ଅଟେ, କାରଣ ଆମେ ସମସ୍ତେ ଜନ୍ମରୁ ହିଁ ପାପୀ ଅଟୁ । ଆମେ ଯାହା କଲେ ମଧ୍ୟ ଆମେ ପାପୀ ରହିବୁ । ଏହି ସବୁ କାରଣରୁ ଯୀଶୁଙ୍କ ବାପ୍ତିସ୍ମରେ ବିଶ୍ୱାସ କରି ପରିତ୍ରାଣ ପ୍ରାପ୍ତ ହେବା ଆବଶ୍ୟକ ଅଟେ ।

ଆମେ ଆମ୍ର କାର୍ଯ୍ୟ ଯୋଗୁଁ ପାପୀ ନୁହେଁ: ଯେ ପ୍ରକାର କି ବ୍ୟଭିଚାର, ହତ୍ୟା, ଚୋରି କିନ୍ତୁ ଆମେ ପାପୀ ରୁପେ ଜନ୍ମ ହୋଇଥିବାରୁ ଆମେ ପାପୀ ଅଟୁ ।ଆମେ ବାର ପ୍ରକାର ପାପରେ ଜନ୍ମ ହୋଇଛୁ, ପୁଣି ଇଶ୍ୱରଙ୍କ ସମ୍ମୁଖରେ ପାପୀ ରୁପେ ଜନ୍ମ ହୋଇଥିବାରୁ, ଆମେ ନିଜର ଶତ ଚେଷ୍ଟାରେ ମଧ୍ୟ କେବେହେଲେ ବଲ ହୋଇ ନ ପାରୁ । ଆମେ କେବଳ ଭଲ ହେବାର ଛଳନା ହିଁ କରିଥାଉ । ଆମର ମସ୍ତିସ୍କ ପାପମୟ ଅଟେ, ସେଥିପାଇଁ ଯଦି ଆମେ ପାପ ନକରୁ ତଥାପି ଧାର୍ମିକ ହୋଇ ପାରିବା ନାହିଁ । ପରମେଶ୍ୱରଙ୍କ ସମ୍ମୁଖରେ ଆମେ କେବେହେଲେ ଧାର୍ମିକ ହୋଇ ପାରିବା ନାହିଁ । ଯଦି ଧାର୍ମିକ ହେବାର ଦାବି କରୁ, ଏହା କେବଳ କପଟତା ଅଟେ । ଯୀଶୁ ଫାରୁଶୀ ଓ ସଦ୍ଦୁକୀ ମାନଙ୍କୁ କପଟ୍‌କାରି କହିଥିଲେ । ମଣିଷ ଜନ୍ମରୁ ହିଁ ପାପୀ ଅଟେ ଓ ସେମାନଙ୍କ ସାରା ଜୀବନ ସେମାନେ ପାପ କରିଥାନ୍ତି । ଯଦି ଏହି ପ୍ରକାର କହେ କି ମୁଁ କାହା ସହିତ କଳହ କରିନାହିଁ କିମ୍ବା କାହାକୁ ଆଘାତ ଦେଇ ନାହିଁ କିମ୍ବା କାହାଠାରୁ କିଛି ଚୋରି କରି ନାହିଁ, ତାହାହେଲେ ସେ ମିଥ୍ୟା କହୁଛି, କାରଣ ମନୁଷ୍ୟ ଜନ୍ମଗତ ପାପୀ ଅଟେ । ସେହି ବ୍ୟକ୍ତି ମିଥ୍ୟାବାଦୀ, ପାପୀ ଓ କପଟି ଅଟେ । ଏହି ପ୍ରକାର ଇଶ୍ୱର ଦେଖିଥାନ୍ତି ।

ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମରୁ ହିଁ ପାପୀ ଅଟେ । ତିଳେ ମାତ୍ର ପାପ ନ କଲେ ସୁଧା ତୁମେ ନର୍କ ଗାମି ଅଟ । ଯଦିଓ ତମେ ସମସ୍ତ ବ୍ୟବସ୍ଥା ଓ ଆଜ୍ଞାକୁ ପାଳନ କର, ତଥାପି ତମେ ଏକ ପାପୀ ଅଟ ଓ ନର୍କ ତୁମ୍ଭର ସୁନିଶ୍ଚିତ ଲକ୍ଷ ଅଟେ ।

ଏହିପ୍ରକାର ଲକ୍ଷ ପାଇଁ ଆମକୁ କଣ କରିବା ଆବଶ୍ୟକ ଅଟେ? ଆମେ ଇଶ୍ୱରଙ୍କ କରୁଣା ପାଇଁ ପ୍ରାର୍ଥନା କରିବା ଓ ପାପରୁ ପରିତ୍ରାଣ ପାଇଁ ତାଙ୍କ ଠାରେ ନିର୍ଭର ରହିବା । ଯଦି ସେ ଆମକୁ ଉଦ୍ଧାର ନକରନ୍ତି ତାହାହେଲେ ନିଷ୍ଚିତଭାବେ ଆମେ ନର୍କକୁ ଯିବା । ଏହାହିଁ ଆମର ଲକ୍ଷ ଅଟେ ।

ଯେଉଁମାନେ ଇଶ୍ୱରଙ୍କ ବାକ୍ୟକୁ ଗ୍ରହଣ କରନ୍ତି ସେମାନେହିଁ ନିଜକୁ ପାପୀ ରୁପେ ମାନିନେବେ । ସେମାନେ ଏହା ଜାଣନ୍ତି କି କେବଳ ବିଶ୍ୱାସ ଦ୍ୱାରା ସେମାନେ ଧାର୍ମିକତା ପ୍ରାପ୍ତ ହେବେ । ସେଥିପାଇଁ ସେମାନେ ଏହି ବିଷୟରେ ଜ୍ଞାତ ଅଟନ୍ତି କି ଇଶରଙ୍କ ବାକ୍ୟକୁ ଅଗ୍ରାହ୍ୟ ଓ ଅବମାନନା କରିବା ହିଁ ଭୟଙ୍କର ପାପ ଅଟେ ।ଯେଉଁମାନେ ତାଙ୍କ ବାକ୍ୟକୁ ଗ୍ରହଣ ଓ ପାଳନ କରନ୍ତି, ସେମାନେ ପ୍ରଥମେ ପାପୀ ଥିଲେ ସୁଧା, ଧାର୍ମିକ ଗଣିତ ହେବେ । ସେମାନେ ଇଶ୍ୱରଙ୍କ ଅନୁଗ୍ରହର ବାକ୍ୟରେ ପୁନ:ଜନ୍ମ ପ୍ରାପ୍ତହେବେ ଓ ସର୍ବଦା ଆଶିର୍ବାଦ ପାଇବେ ।

ନିଜକୃତ ଉତ୍ତମ କାର୍ଯ୍ୟରୁ ଯେଉଁମାନେ ପରିତ୍ରାଣ ପାଇବା ପାଇଁ ଚେଷ୍ଟା କରନ୍ତି ସେମାନି ପାପୀ ଅଟନ୍ତି ଯୀଶୁଙ୍କ ଠାରେ ବିଶ୍ୱାସ କରିବା ପରେ କେଉଁମାନେ ପାପୀ ଅଟନ୍ତି, ଯେଉଁମାନେ କି ସେମାନଙ୍କ କାମ ଦ୍ୱାରା ଉଦ୍ଧାର ପାଇବା ପାଇଁ ଚେଷ୍ଟା କରନ୍ତି ।

ଆସ ଆମ୍ଭେମାନେ ଗାଲାତୀୟ ପତ୍ରିକା ପଢିବା, 'କାରଣ ଯେତେଲୋକ ବ୍ୟବସ୍ଥାର କ୍ରିୟାକ୍ରମ କରନ୍ତି, ସେମାନେ ଶାପଗ୍ରସ୍ତ, ଯେଣୁ ଲେଖାଅଛି, 'ଯେ କେହି ବ୍ୟବସ୍ଥା ପୁସ୍ତକରେ ଲିଖିତ ସମସ୍ତ କଥା ପାଳନ କରିବା ପାଇଁ ସେଥିରେ ନିତ୍ୟ ପ୍ରବୃତ୍ତ ନହୁଏ, ସେ ଶାପ ଗ୍ରସ୍ତ' । ବ୍ୟବସ୍ଥା ଦ୍ୱାରା କେହି ଯେ ଈଶ୍ୱରଙ୍କ ସକ୍ଷାତରେ ଧାର୍ମିକ ଗ୍ଣିତ ହୁଏ ନାହି, ଏହା ତ ସ୍ପଷ୍ଟ ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ' (ଗାଲା ୩:୧୦-୧୧) ।
ଏହି ପ୍ରକାର ଲେଖାଯାଏ କି, ଯିଏ ବ୍ୟବସ୍ଥା ପୁସ୍ତକରେ ଲିଖିତ ସମସ୍ତ ବିଷୟକୁ ପାଳନ ନ କରେ ସେ ଶାପଗ୍ରସ୍ତ ଅଟେ' । ଯେଉଁମାନେ ଯୀଶୁଙ୍କ ଠାରେ ବିଶ୍ୱାସ  କରନ୍ତି, ତଥାପି ଉତ୍ତମ କାର୍ଯ୍ୟ ଦ୍ୱାରା ଧାର୍ମିକତା ପ୍ରାପ୍ତ କରିବା ବିଷୟକୁ ଚେଷ୍ଟା କରଅନ୍ତି, ସେମାନେ ଶାପଗ୍ରସ୍ତ ।ଉତ୍ତମ କାମଦ୍ୱାରା ଯେଉଁମାନେ ଧାର୍ମିକତା ପ୍ରାପ୍ତ କରିବକୁ ଇଚ୍ଛା କରନ୍ତି ସେମାନେ କାହିଁ? ସେମାନେ ସମ୍ସ୍ତେ ଈଶ୍ୱରଙ୍କ ଠାରେ ଶ୍ରାପିତ ଅଟନ୍ତି । ପରମେଶ୍ୱର କଣ ପାଇଁ ଆମକୁ ବ୍ୟବସ୍ଥା ଦେଲେ? ସେ ବ୍ୟବସ୍ଥା ଦେଲେ ଯାହାଦ୍ୱାରା ଆମ୍ଭେ ନିଜ ର ପାପକୁ ଅନୁଭବ କରୁ (ରୋମି ୩:୨୦) । ସେ ଏହା ଚାହାନ୍ତି କି ମନୁଷ୍ୟ ଯେ ପାପି ଓ ନର୍କ ହିଁ ତାହାର ଲକ୍ଷ୍ୟସ୍ଥଳ ଏହା ଜାଣିବା ଦରକାର ।
ପରମେଶ୍ୱରଙ୍କ ପୁତ୍ର ଯୀଶୁଙ୍କ ଠାରେ ବିଶ୍ୱାସ କର ପୁଣି ଜଳ ଓ ଆତ୍ମାରେ ପୁନ:ଜନଂ ପ୍ରାପ୍ତ ହୁଅ । ଏହାହେଲେ ଆପଣର ପାପରୁ ପରିତ୍ରାଣ ପ୍ରାପ୍ତ ହେବ ପୁଣି ଧାର୍ମିକତାଓ ଅନନ୍ତ ଜୀବନ ପ୍ରାପ୍ତ ହେବ ଓ ସ୍ୱର୍ଗ ରାଜ୍ୟକୁ ଯିବ । ହୃଦୟଅରେ ବିଶ୍ୱାସ କରିବା ଉଚିତ୍ ।

**ଜଗତର ସବୁଠୁ କଠୋର ପାପ**




ତାହାଙ୍କ ଆଶିର୍ବାଦରେ ବିଶ୍ୱାସ କରି ଆମେ ଧନ୍ୟ ପ୍ରାପ୍ତ ହୋଇଛୁ । ଈଶ୍ୱରଙ୍କ ବାକ୍ୟରେ ଯେଉଁମାନେ ବିଶ୍ୱାସ କରନ୍ତି, ଈଶ୍ୱର ସେମାନଙ୍କୁ ସେ ଉଦ୍ଧାର କରିବେ ।

କିନ୍ତୁ ଆଜି, ଖ୍ରୀଷ୍ଟିୟାନ ମାନଙ୍କ ମଧ୍ୟରେ ଏହି ପ୍ରକାର ଅନେକ ଅଛନ୍ତି ଯେଉଁମାନେ କି ବ୍ୟବସ୍ଥାନୁସାରେ ବଞ୍ଚିବାକୁ ଚେଷ୍ଟା କରନ୍ତି । ଏହାବାସ୍ତବ ଅଟେ କି ସେମାନେ ବ୍ୟବସ୍ଥା ଦ୍ୱାରା ବ୍ଞ୍ଚିବାକୁ ଚେଷ୍ଟା କରନ୍ତି, କିନ୍ତୁ ଏହା କଣ ସମ୍ଭବ କି?

ଆମେ ଏହି ବିଷୟକୁ ଚିନ୍ତା କରିବା କି, ବ୍ୟବସ୍ଥା ସହ ବଞ୍ଚିବାକୁ ସେଷ୍ଟା କରି ଆମେ ମୂର୍ଖତାର ପରିଚୟ ଦେଇଥାଉ । ଆମେ ଯେତେ ଚେଷ୍ଟା କରୁ ଏହା ସେତିକି କଷ୍ଟକର ହୋଇ ଥାଏ ।  ସେ କହିଲେ, 'ଶ୍ରବଣରୁ ବିଶ୍ୱାସ ଜାତ ହୁଏ, ଓ ଶ୍ରବଣ ଇଶ୍ୱରଙ୍କ ବାକ୍ୟରୁ ହୁଏ' । ଉଦ୍ଧାର ପାଇବା ନିମନ୍ତେ ଆମକୁ ନିଜ ଠାରେ ଥିବା କୋଠର ପାପକୁ ଦୁରେଇବା ଦରକାର ।

**ଉଦ୍ଧାର ପାଇବା ପାଇଁ ଆମ ଠାରେ ଥିବା ଆଦର୍ଶକୁ ଆମକୁ ପରିତ୍ୟାଗ ଅକରିବାକୁ ହେବ ।**

**ଉଦ୍ଧାର ପାଇବାକୁ ହେଲେ ଆମକୁ କଣ କରିବାକୁ ହେବ?**

ଆମ ନିଜ ଠାରେ ଥିବା ସମସ୍ତ ଆଦର୍ଶକୁ ପରିତ୍ୟାଗ କରିବା ଆବଶ୍ୟକ ।

ଜ୍ଣେ ବ୍ୟକ୍ତି କି ପ୍ରକାର ଉଦ୍ଧାର ପାଇବ? ଯେତେବେଳେ ଜଣେ ନିଜକୁ ଏକ ପାପୀ ବୋଲି ଗଣୀତ କରେ ।

ଅନେକେ ସେମାନଙ୍କ ଭ୍ରଷ୍ଟ ବିଶ୍ୱାସ ଓ କାର୍ଯ୍ୟ ହେତୁ ଉଦ୍ଧାର ପ୍ରାପ୍ତ ହୋଇ ନାହାନ୍ତି ।

ପରମେଶ୍ୱର କହନ୍ତି କି, ଯେଉଁମାନେ ବ୍ୟବସ୍ଥା ରେ ରହନ୍ତି ସେମାନେ ଶ୍ରାପିତ ଅଟନ୍ତି । ଯୀଶୁଙ୍କ ଠାରେ ବିଶ୍ୱାସ କରିବା ସତ୍ତ୍ୱେ ଯେଉଁ ମାନେ ବ୍ୟବସ୍ଥା ପାଳନ କରି ଧାର୍ମିକତା ପ୍ରାପ୍ତ ପାଇଁ ଚେଷ୍ଟା କରନ୍ତି, ସେମାନେ ମଧ୍ୟ ଶ୍ରାପିତ ଅଟନ୍ତି ।ସେମାନେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରନ୍ତି ଓ ପରିତ୍ରାଣ ପାଇବା ପାଇଁ ବ୍ୟବସ୍ଥାନୁସାରେ ଜୀବନ ଯାପନ କରନ୍ତି ।

ପ୍ରିୟ ବନ୍ଧୁ, ଆମେ କଣ ଆମର କାର୍ଯ୍ୟ ହେତୁ ଧାର୍ମିକତା ପ୍ରାପତ ହୋଇପାରିବା କି? କେବଳ ଯୀଶୁଙ୍କ ବାକ୍ୟରେ ବିଶ୍ୱାସ କରିବା ଦ୍ୱାରା ହିଁ ଆମେ ଧାର୍ମିକତା ପ୍ରାପ୍ତ ହେଉ ଓ ଏହା ପରେ ଆମେ ପରିତ୍ରାଣ ପାଉ ।  କେବଳ ଯୀଶୁଙ୍କ ବାପ୍ତିଷ୍ମ, ତାହାଙ୍କ ରକ୍ତ ଓ ପରମେଶ୍ୱରତ୍ତ୍ୱରେ ବିଶ୍ୱାସ କଲେ ହିଁ ଆମକୁ ପରିତ୍ରାଣ ମିଳିବ ।

ସେଥିପାଇଁ ପରମେଶ୍ୱର  ଆମ୍କୁ ବିଶ୍ୱାସ-ମୟ-ବ୍ୟବସ୍ଥା ଦେଇଛନ୍ତି, ଯାହାକି ଆମକୁ ଧାର୍ମିକର ପଥ ପ୍ରଦର୍ଶନ କରିବ । ଜଳ ଓ ଆତ୍ମା ର ପରିତ୍ରାଣ ଆମର କିଛି ଏକ କାମ ଉପରେ ନିର୍ଭର କରି ନ ଥାଏ କିନ୍ତୁ ଇଶ୍ୱରଙ୍କ ବାକ୍ୟରେ ବିଶ୍ୱାସ କରିବାଦ୍ୱାରା ଏହା ସମ୍ଭବ ହୁଏ । ଆମ ବିଶ୍ୱାସ ଯୋଗୁଁ ଜିଁ ସେ ଆମକୁ ପରିତ୍ରାଣ ଦେଲେ, ଓ ସେହି ବିଶ୍ୱାସରେ ସେ ତାଙ୍କର ପରିତ୍ରାଣର ଯୋଜନାକୁ ପୂର୍ଣ କଲେ ।

ଯୀଶୁଙ୍କ ଠାରେ ବିଶ୍ୱାସ କରିବା ସତ୍ତ୍ୱେ ଲୋକେ ଉଦ୍ଧାର କ୍ଣ ପାଇଁ ପାଇ ପାରିଲେ ନାହିଁ, ଏହାର କାରଣ କ୍ଣ? କାରଣ ଏହାକି, ସେମାନେ ଜଳ ଓ ଆତ୍ମାର ପରିତ୍ରାଣର ବାକ୍ୟକୁ ବିଶ୍ୱାସ କଲେ ନାହି । କିନ୍ତୁ ଆମ୍ଭେମାନେ ସେମାନଙ୍କ ସଦୃଶ ହେଲେ ସୁଧା, ସେହି ଜଳ ଓ ଆତ୍ମାରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇଛୁ ।

ଯ୍ଦି ଚକିରେ ଦୁଇ ଜଣ କାମ କରନ୍ତି, ଜଣକୁ ମୁକ୍ତ କରିବା ପରେ ମଧ୍ୟ ବାମ ପାଖରେ ଥିବା ବ୍ୟକ୍ତି କାମ କରୁଥାଏ ।ସେହି କାମ କରୁଥିବା ବ୍ୟକ୍ତିଟି ଉଦ୍ଧାର ପ୍ରାପ୍ତ ହୋଇ ନଥିବା ବିଷୟକୁ ଦର୍ଶାଏ । କ୍ଣ ପାଇଁ ଜଣେକୁ ମୁକ୍ତ କରାଗଲା ଓ ଅନ୍ୟ ଜଣକୁ ନୁହ?

ଏହାର କାରଣ ଏହା କି ଜଣେ ସୁସମାଚାରରେ ବିଶ୍ୱାସ କଲା ଓ ଅନ୍ୟ ଜଣ ବ୍ୟବସ୍ଥାକୁ ପାଳନ କରିବାରେ ଲାଗିଥିଲା ଓ ଶେଷରେ ନର୍କରେ ଫିଙ୍ଗା ଗଲା । ସେହି ବ୍ୟକ୍ତି ପରମେଶ୍ୱରଙ୍କ ନିକଟରେ ଗୁରୁଣ୍ଡି ଗୁରୁଣ୍ଡି ପହଞ୍ଚିବାକୁ ଇଚ୍ଛା କଲା କିନ୍ତୁ ପରମେଶ୍ୱର ତାହାକୁ ଦୁରେଇ ଦେଲେ । ଯ୍ଦି କେହି ବ୍ୟବସ୍ଥା ପାଳନ କରି ଗୁରୁଣ୍ଡି ଗୁରୁଣ୍ଡି ଇଶ୍ୱରଙ୍କ ଠାରେ ପହଞ୍ଚିବାକୁ ଇଚ୍ଛା କରେ, ତାହାହେଲେ ସେ ନର୍କକୁ ଯିବାର ସୁନିଶ୍ଚିତ ଅଟେ ।

ସେଥିପାଇଁ ଆମକୁ ଜଳ ଓ ଆତ୍ମାରେ ବିଶ୍ୱାସ କରି ପରିତ୍ରାଣ ପାଇବାର ଆବଶ୍ୟକ ଅଛି ।‘କାରଣ ଯେତେଲୋକ ବ୍ୟବସ୍ଥାର କ୍ରିୟାକ୍ରମ କରନ୍ତି, ସେମାନେ ଶାପଗ୍ରସ୍ତ, ଯେଣୁ ଲେଖାଅଛି,  ‘ଯେ କେହି ବ୍ୟବସ୍ଥା ପୁସ୍ତକରେ ଲିଖିତ ସମସ୍ତ କଥା ପାଳନ କରିବା ପାଇଁ ସେଥିରେ ନିତ୍ୟ ପ୍ରବୃତ୍ତ ନହୁଏ, ସେ ଶାପ ଗ୍ରସ୍ତ‘ । ବ୍ୟବସ୍ଥା ଦ୍ୱାରା କେହି ଯେ ଇଶ୍ୱରଙ୍କ ସକ୍ଷାତରେ ଧାର୍ମିକ ଗ୍ଣିତ ହୁଏ ନାହି, ଏହା ତ ସ୍ପଷ୍ଟ ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ‘ (ଗାଲା ୩:୧୦-୧୧, ରୋମି ୧:୧୭) ।
ଇଶ୍ୱରଙ୍କ ବାକ୍ୟରେ ବିଶ୍ୱାସ ନାକରିବା ହିଁ ପାପ ଅଟେ । ଏହା ସହିତ ଯ୍ଦି କେହି ନିଜର ଆଦର୍ଶ ଅନୁସାରେ ଇଶ୍ୱରଙ୍କ ବାକ୍ୟକୁ ଏକ ପାଖରେ ଆଡେଇ ଦିଏ ଏହା ମଧ୍ୟ ପାପ ଅଟେ । ଆମେ ମନୁଷ୍ୟ କେବେ ହେଲେ ତାହାଙ୍କ ବ୍ୟବସ୍ଥାକୁ ପାଳନ କରି ବଞ୍ଚିପାରିବା ନାହିଁ, କାରଣ ଆମେ ପାପୀ ଅଟୁ ଓ ସର୍ବଦା ଆମେ ପାପ କରିଥାଉ । ଏଠି, ସେଠି ଓ ପ୍ରତ୍ୟୋକ ସ୍ଥାନ ଯେଉଁଠାକୁ ଯାଉ, ସବୁବେଳେ ଆମେ ପାପ କରୁ । ଆମକୁ ଗୋଟିଏ ବିଶୟକୁ ଜାଣିବା ଆବଶ୍ୟକ କି, ଆମେ ମନୁଷ୍ୟ ମାତ୍ର ସେଥିପାଇଁ ପାପ ବ୍ୟତିତ ଆମ ଠାରେ ଆଉ କିଛି ଉପାୟ ନାହି ।

ମନୁଷ୍ୟ ଗୋଟିଏ ବଡ ବାଲଟିର ଖତ ଭଳି ଅଟେ । ଯ଼ଦି ଏହକୁ ଆମେ ଧରି ଏପଟ ସେପଟ ଯାଉ ତାହାହେଲ ଏହା ଏପ୍ଟ ସେପଟ ବିଛାଡି ହେବ । ଆମେ ଠିକ୍ ସେହିପ୍ରକାର ଅଟୁ । ଯେଉଁଠାକୁ ଆମେ ଯାଉ ସେଠାରେ ଆମେ ପାପ କରିଥାଉ  । ଆପଣ କଣ ଏହି ବିଷୟ଼କୁ ନିଜ ଚକ୍ଷୁରେ ପ୍ରତିଛବି କରି ପାରିବ କି?

ଆପଣ କଣ ଏବେ ମଧ୍ୟ ପବିତ୍ରହେବାର ଛଳନା କରିବ କି? ଆପଣ ଏହି ବିଷୟ଼ଅରେ ଉତ୍ତମ ଭାବେ ଜାଣ କି, ଯୀଶୁଙ୍କ ରକ୍ତ ଓ ଜଳରେ ବିଶ୍ୱାସ ନ କରି ପବିତ୍ରତା ପ୍ରାପ୍ତ କରିବାର ଚେଷ୍ଟା ବିଫଳ ହେବ ।

ଯେଉଁମାନେ ଏହି ପର୍ଯ୍ୟନ୍ତ ପୁନ:ର୍ଜନ୍ମ ପ୍ରାପ୍ତ ହୋଇ ନାହାନ୍ତି, ସେମାନେ ନିଜମଧ୍ୟରେ ଥିବା ଅବାଧ୍ୟତାକୁ ଦୂରେଇ, ସେମାନେ ଯେ ମହା ପାପୀ ଅଟ୍ନ୍ତି, ଏହି ବିଷୟ଼କୁ ଈଶ୍ୱରଙ୍କଠାରେ ମାନିନେବା ଆବଶ୍ୟକ ଅଟେ । ଏହାପରେ ସେମାନେ ଈଶରଙ୍କ ବାକ୍ୟକୁ ଫେରିବା ଓ ଈଶ୍ୱର କି ପ୍ରକାର ଜ୍ଳ ଓ ଆତ୍ମାରେ ଉଦ୍ଧାର ଦିଅନ୍ତି ଏହି ବିଷୟ଼କୁ ଜାଣିବା ଆବଶ୍ୟକ ଅଟେ ।